# ଶୀଘ୍ର ଆରମ୍ଭ ହେବ ମୁନିଗୁଡ଼ା ଭୂତଳ ରାସ୍ତା

## ସବୁଜ ସଙ୍କେତ ଦେଲେ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ

ମୁନିଗୁଡ଼ା,୧୬।୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଶହୀଦ ଲକ୍ଷ୍ମଣ ନାୟକ ଛକ ନିକଟରେ ଥିବା ରେଳ ଫାଟକଠାରେ ଭୂତଳ ରାସ୍ତା ନିର୍ମାଣ ପାଇଁ ମୁନିଗୁଡ଼ା ଜନସାଧାରଣଙ୍କ ସମେତ ବିଭିନ୍ନ ସଙ୍ଗଠନ ତରଫରୁ ବହୁ ବର୍ଷରୁ ଥିବା ଦାବି ପୂରଣ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ମୁନିଗୁଡାର ଭୂତଳ ରାସ୍ତା ନିର୍ମାଣ ହେବା ନେଇ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଥାର୍ଡ ଲାଇନ ସର୍ବେକ୍ଷଣ ଓ ଅମୃତ ଯୋଜନାର କାର୍ଯ୍ୟ ତଦାରଖ କରିବାକୁ ଗୁରୁବାର ସମ୍ବଲପୁର ଡିଆର୍‌ଏମ୍ ତୁଷାରକାନ୍ତ ପାଣ୍ଡେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହିତ ମୁନିଗୁଡ଼ା ରେଳ ଷ୍ଟେଶନ ଆସିଥିଲେ। ଏହି ସମୟରେ ସିନିୟର୍ ଡିଭିଜିନାଲ ଯୋଗାଯୋଗ ପ୍ରବନ୍ଧକ ତତ୍ତ୍ୱଦର୍ଶୀ ସାହୁ, ଡିଆର୍‌ଏମ୍‌ଙ୍କ ବ୍ୟକ୍ତିଗତ ସଚିବ ପି. ଗଣପତି,ସହକାରୀ ଯନ୍ତ୍ରୀ ଡି.ରବି,ଏଲ୍‌ଓଡବ୍ଲ୍ୟୁ ରାମା ରାଓ ପ୍ରମୁଖ ମୁନିଗୁଡ଼ା ପ୍ରଗତି ମଞ୍ଚର କର୍ମକର୍ତ୍ତାଙ୍କ ସହ ଭୂତଳ ରାସ୍ତା ନିର୍ମାଣ ଉପରେ ଆଲୋଚନା କରିଥିଲେ। ତେବେ ଖୁବଶୀଘ୍ର ମୁନିଗୁଡାର ଭୂତଳ ରାସ୍ତା ନିର୍ମାଣ ହେବାର ଅଛି। ଏଥିପାଇଁ ଅଫିସିଆଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ସିନିୟର ଡିଏମ୍ ସାହୁ ଓ ସହକାରୀ ଯନ୍ତ୍ରୀ ଡି. ରବି ପ୍ରଗତି ମଞ୍ଚ କାର୍ଯ୍ୟକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ଏହି ସମୟରେ ପ୍ରଗତି ମଞ୍ଚର ସଭାପତି ସିଏଚ୍ ଗଣେଶ୍ୱର ରାଓ, ଉପସଭାପତି ରାଜୀବ ଲୋଚନ ଦାସ, ସମ୍ପାଦକ ସୀମାଞ୍ଚଳ ପଣ୍ଡା, ସହ ସମ୍ପାଦକ ମନୋରଞ୍ଜନ ଦଳାଇ, କୋଷାଧ୍ୟକ୍ଷ ନନ୍ଦକିଶୋର ପଟ୍ଟନାୟକ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ ପରିଛା, ସୁଦାମ ଚରଣ ପଣ୍ଡା, ନରେଶ ପାତ୍ର, ବାଲାଜୀ ପାତ୍ର, ଲାଡ଼ି ଶଙ୍କର, ଧନୁ କୁଷୁଲିଆ ପ୍ରମୁଖ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଗତି ମଞ୍ଚ ତରଫରୁ ସମ୍ବଲପୁର ରେଳ ଡିଭିଜନ ଉଚ୍ଚ କର୍ତ୍ତୃପକ୍ଷ ଓ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଅନୁରୋଧ କରାଯାଇଥିଲା।

ସୂଚନାଯୋଗ୍ୟ, ମୁନିଗୁଡ଼ା ପ୍ରଗତି ମଞ୍ଚ ତରଫରୁ ମୁନିଗୁଡ଼ାର ସମସ୍ତ ବୁଦ୍ଧିଜୀବୀ, ବ୍ୟବସାୟୀ,ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଗତ ବର୍ଷ ନଭେମ୍ବର ୨୧ରେ ରେଳ ଷ୍ଟେଶନ ସମ୍ମୁଖରେ ଧାରଣା ଓ ଆମରଣ ଅନଶନ ଆରମ୍ଭ କରାଯାଇଥିଲା। ଶେଷରେ ରେଳ ବିଭାଗ କର୍ତ୍ତୃପକ୍ଷ ଘଟଣାର ଗୁରୁତ୍ୱକୁ ବୁଝି ଆନ୍ଦୋଳନସ୍ଥଳରେ ପହଞ୍ଚି ଖୁବ୍‌ଶୀଘ୍ର ଭୂତଳ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରଗତି ମଞ୍ଚର କାର୍ଯ୍ୟକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ସ୍ଥଗିତ କରିଥିଲେ। ପରେ ୨୬.୧୧.୨୦୨୪ରେ ରେଳ ବିଭାଗର ଏକ ଟେକ୍ନିକାଲ କମିଟି ପ୍ରଗତି ମଞ୍ଚ କମିଟି ସହ ମିଳିତ ଭାବେ ବିଭିନ୍ନ ସ୍ଥାନ ବୁଲି ଭୂତଳ ରାସ୍ତା ପାଇଁ ସ୍ଥାନ ପରୀକ୍ଷଣ କରିବା ପରେ ଏକ ସ୍ଥାନ ଚିହ୍ନଟ ହୋଇଥିଲା। ଏହାପରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତାହା ଏଷ୍ଟିମେଟ ହୋଇ ଅନୁମୋଦନ ପାଇଁ ପଠାଯାଇଥିଲା।


ରେଲୱେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ମୁନିଗୁଡ଼ା ପ୍ରଗତି ମଞ୍ଚର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ୧୮ରେ ରାୟଗଡ଼ା ଆସିବେ ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୧୬।୧(ଆଶିଷ ରଞ୍ଜନ ପଣ୍ଡା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୮ ତାରିଖ ଅର୍ଥାତ୍ ଶନିବାର ଦିନିକିଆ ରାୟଗଡ଼ା ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ସମିତ୍ୱ ଯୋଜନା ଆଭାସି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦାନ କରିବେ ବୋଲି ସୂଚନା ମିଳିଛି। ସମଗ୍ର ଦେଶର ବିଭିନ୍ନ ହିତାଧିକାରୀଙ୍କ ସହିତ ପ୍ରଧାନମନ୍ତ୍ରୀ ଆଭାସି ମାଧ୍ୟମରେ ଆଲୋଚନା କରିବାକୁ ଥିବାବେଳେ ରାଜ୍ୟର ରାୟଗଡ଼ା ଜିଲା ସେଥିରେ ଅନ୍ତର୍ଭୁକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ଆସୁଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ମାଝୀ ହେଲିକପ୍ଟର ଯୋଗେ ଆସି ସ୍ଥାନୀୟ ଜିସିଡି ପଡ଼ିଆରେ ଓହ୍ଲାଇବେ। ସେଠାରୁ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ପରେ ସର୍କିଟ ହାଉସଠାରେ ଦଳୀୟ କର୍ମକର୍ତ୍ତା ସହ ଆଲୋଚନା କରିବା କାର୍ଯ୍ୟକ୍ରମ ଥିବା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଆରମ୍ଭ ହୋଇଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ କୌଣସି ଗସ୍ତସୂଚୀ ଆସି ନ ଥିବା ଜଣାପଡ଼ିଛି ।

# ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗ

ରାୟଗଡା, ୧୬।୧ (ଆଶିଷ ରଞ୍ଜନ ପଣ୍ଡା)

ସିଲଭର ଓକ୍ ପ୍ଲାଣ୍ଟେସନ ବିଲ୍ ପ୍ରଦାନକୁ ନେଇ କାଶୀପୁର ବ୍ଲକ ମାଇକଞ୍ଚ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ମାଇକଞ୍ଚ ସରପଞ୍ଚ ମନ୍ତ୍ରରାମ ମାଝି ଗୁରୁବାର ରାୟଗଡାସ୍ଥିତ ଜଳ ବିଭାଜିକା କାର୍ଯ୍ୟାଳୟକୁ ବିଲ୍ ସମ୍ପର୍କରେ ପଚାରିବାକୁ ଯାଇଥିଲେ । ଏ ନେଇ ସେ କାଶୀପୁର ବ୍ଲକ ଜଳ ବିଭାଜିକାର ମୃତ୍ତିକା ସରଂକ୍ଷଣ ସମ୍ପ୍ରସାରଣ ଅଧିକାରୀ ଶ୍ରୀକୁମାର ନାୟକଙ୍କୁ ପଚାରିବାରୁ ସେ ଓ ତାଙ୍କ ସହଯୋଗୀ ମିଶି ସରପଞ୍ଚ ଓ ତାଙ୍କ ସାଥିରେ ଥିବା କେତେଜଣ ବ୍ୟକ୍ତିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ସେ ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସମ୍ପ୍ରସାରଣ ଅଧିକାରୀ ନାୟକଙ୍କୁ ସରପଞ୍ଚ ଏବଂ ତାଙ୍କ ସହଯୋଗୀ ମାଡ ମାରିଥିବା ନେଇ ନେ ଥାନାରେ ଅଭିଯୋଗ କରିଛନ୍ତି। ରାୟଗଡା ଥାନା ଆଇଆଇସି କେକେବିକେ କହଁର ଉଭୟ ପକ୍ଷଙ୍କ ଏତଲା ଗ୍ରହଣ କରି ତଦନ୍ତ କରୁଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ମାଇକଞ୍ଚ ଗ୍ରାମ ପଞ୍ଚାୟତର ସରପଞ୍ଚ ମାଝୀଙ୍କ ସହ କାକୁଡ଼ିପଦର, ମାଇକଞ୍ଚ, ଝିରିଖୋଲ, କରଞ୍ଜି କୁପାଖାଲ, କରୁଝିରି , କୁପାଖାଲ ଓ ଅନ୍ୟାନ୍ୟ ଗ୍ରାମର ୧୫ରୁ ୨୦ଜଣ ହିତାଧିକାରୀ ଗୁରୁବାର ରାୟଗଡାସ୍ଥିତ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ପରେ ସେମାନେ ସିଲଭର ଓକ ପ୍ଲାଣ୍ଟେସନ ବାବଦକୁ ବିଲ୍ ବିଷୟରେ ଆଲୋଚନା କରିବା ସହ ବିଲ୍ କରୁଥିବା ସମ୍ପ୍ରସାରଣ କର୍ମୀ ନାୟକଙ୍କୁ ଡକାଇଥିଲେ ମଧ୍ୟ ସେ ଆସି ନ ଥିଲେ। ତେବେ ସରପଞ୍ଚଙ୍କ ଅନ୍ୟ ୩ ଜଣ କାର୍ଯ୍ୟାଳୟରୁ ବାହାରି ଯାଉଥିବାବେଳେ ସମ୍ପ୍ରସାରଣ ଅଧିକାରୀ ନାୟକଙ୍କୁ ଦେଖି ତାଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ନାୟକ ଓ ତାଙ୍କ ସହ ଥିବା କିଛି ବ୍ୟକ୍ତି ହଠାତି ସରପଞ୍ଚ ମାଝୀଙ୍କୁ ଆକ୍ରମଣ କରି ମୁହଁରେ ମାଡ଼ ମାରିବାରୁ ସେ ରକ୍ତାକ୍ତ ହୋଇପଡ଼ିଥିଲେ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସମ୍ପ୍ରସାରଣ ଅଧିକାରୀ ନାୟକ ଅଭିଯୋଗ କରିଛନ୍ତି, ସେମାନେ ଆଲୋଚନା କରୁଥିବା ବେଳେ ସରପଞ୍ଚ ଓ ତାଙ୍କ ସାଥିମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧସ୍ତାଧସ୍ତି କରୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଝଗଡା ବିଷୟରେ ବୁଝିବା ବେଳେ ସରପଞ୍ଚ ଓ ତାଙ୍କ ସାଥିମାନେ ସେମାନଙ୍କୁ ମଧ୍ୟ ଧମକ ଦେବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ କରିଛନ୍ତି । ଉଭୟ ପକ୍ଷରୁ ଏତଲାକୁ ନେଇ କେସ ନଂ ୧୬ ଓ ୧୭ ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ନେଇ ଆଇଆଇସି କହଁର କହିଛନ୍ତି ।

# ଜେଏମ୍‌ଏଫ୍‌ସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୁଣପୁର,୧୬।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜେଏମ୍‌ଏଫ୍‌ସି ପୁଣ୍ୟ ଶ୍ଲୋକ ଦାସଙ୍କୁ ଗୁରୁବାର ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏ ନେଇ ଓକିଲ ସଂଘ କାର୍ଯ୍ୟାଳୟଠାରେ ସଭାପତି ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏଡିଜେ ଶେଖ ମହମ୍ମଦ କ୍ୱାଇଶ, ସବ ଜଜ୍ ସନ୍ତୋଷ କୁମାର ମହାପାତ୍ର, ଏସ୍‌ଡିଜେଏମ୍ ବିଜୟ ଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ଏବଂ କନିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ ।


ଜେଏମ୍‌ଏଫ୍‌ସି ପୁଣ୍ୟଶ୍ଲୋକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଧାୟକଙ୍କ ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ


ଛତୁଆ କେନ୍ଦ୍ର ସମ୍ମୁଖରେ ବିଧାୟକ ଆପଲ ସ୍ୱାମୀ କାଡ୍ରାକା ଓ ଅନ୍ୟମାନେ।

ଟିକିରି, ୧୬।୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ବିଧାୟକ ଆପଲ ସ୍ୱାମୀ କାଡ୍ରାକା ଗୁରୁବାର କାଶୀପୁର ଗସ୍ତରେ ଆସି ଡ଼ମ୍ବ ସାହିସ୍ଥିତ ମା' ଭଗବତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଶିଶୁ ଖାଦ୍ୟ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଛତୁଆ ପ୍ରସ୍ତୁତ ସମୟରେ ମହିଳାମାନେ କିଭଳି ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ କରୁଛନ୍ତି ଏବଂ ଛତୁଆ ପ୍ରସ୍ତୁତି ସାମଗ୍ରୀ ଓ କେଉଁ ମାନର ଛତୁଆ ପ୍ରସ୍ତୁତି କରାଯାଉଛି ସେ ନେଇ ଟିକିନିକି ତଥ୍ୟ ପଚାରି ବୁଝିଥିଲେ। କାଶୀପୁର ସ୍ଥିତ ଡ଼ମ୍ବ ସାହିରେ ଜଣେ ୭୦ ବର୍ଷୀୟା ଅସହାୟ ବିଧବା ବୃଦ୍ଧାଙ୍କ ଘର ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ସେ ତାଙ୍କ ନାତି ନାତୁଣୀଙ୍କ ସହ ଅସହାୟ ଅବସ୍ଥାରେ ଥିବାରୁ ପରେ ବିଧାୟକ କାଡ୍ରାକା ଜାଣି ତାଙ୍କୁ ସହାୟତାର ହାତ ବଢ଼େଇଛନ୍ତି। ବୃଦ୍ଧାଙ୍କୁ ଶୀତ ବସ୍ତ୍ର, ଶାଢ଼ୀ, ଚାଉଳ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ତେବେ ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ବ୍ଲକ ପ୍ରଶାସନ ଓ ତହସିଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବିଧାୟକଙ୍କ ସହ ଏମ୍‌ପି ପ୍ରତିନିଧି ସାନ୍ଧୁଚରଣ ମାଝୀ, ଜିଲା ଯୁବ କଂଗ୍ରେସ ସଭାପତି ଯୋସେଫ ଖସଲା, ବ୍ଲକ ସଭାପତି ଅଙ୍ଗଦ ନାଏକ, ବ୍ଲକ ଯୁବ ସଭାପତି ଜିଝରୁ ମାଝୀ, ରାଜ୍ୟ କୃଷକ ସେଲ ସମ୍ପାଦକ ପି. ଦେବେନ୍ଦ୍ର ରାଓ, ଜୟନ୍ତୁ ବୋଇଠାରୁ, ରାଜେନ୍ଦ୍ର ନାଏକ, ସୁନାସିଂ ମାଝୀ, ପାଇଲ ମାଝୀ, କୁନା ପାଢୀ ନାଏକ, ମିଥୁନ ନାଏକ, ବ୍ଲକ ନାରୀ ସଭାନେତ୍ରୀ ଗୌରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସଚେତନତା ରାଲି

ଗୁଣପୁର,୧୬।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା ଯୋଗଦେଇ ସଡକ ସୁରକ୍ଷା ବିଷୟରେ କହିବା ସହ ସମସ୍ତେ ଏ ଦିଗରେ ଯତ୍ନବାନ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ରାଲି ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡଠାରୁ ବାହାରି ଗୁଣପୁର ମହାବିଦ୍ୟାଳୟଠାରେ ସମାପନ ହୋଇଥିଲା। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ବାଣୀ ପ୍ରସାଦ ନାୟକ, ଘନିଷ୍ଠା ପୃଷ୍ଟି, ସଦସ୍ୟ ପ୍ରମୋଦ ରଞ୍ଜନ ପଣ୍ଡା, ବି. ପ୍ରିୟଙ୍କା, ଡ. ନିର୍ମଳା ପଟେଲ, ନିହାରିକ ପଟେଲ , ଧୂମେଶ ମେହେର, ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଚିନ୍ମୟ ରଞ୍ଜନ ସ୍ୱାଇଁ, ସିଭିଲ ବିଭାଗର ମୁଖ୍ୟ ପ୍ରଫେସର ଆଶିଷ କୁମାର ସାମଲ, ସହକାରୀ ସୁରକ୍ଷା ଅଧିକାରୀ ପବିତ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଧାରଣ ଜନତା, ବାଇକ ଆରୋହୀ, ଅଟୋ ଚାଳକଙ୍କୁ ସଡକ ସୁରକ୍ଷା ବିଷୟରେ ସଚେତନତା କରିଥିଲେ। ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡରମାନେ ଏହି ରାଲି ଅଂଶ ଗ୍ରହଣ କରିଥିଲେ।


ଜିଆଇଇଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

# ଛାତ୍ରୀଙ୍କ ସୁରକ୍ଷାକବଚ ଆତ୍ମରକ୍ଷା କୌଶଳ ତାଲିମ

ମୁନିଗୁଡ଼ା,୧୬।୧
(ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାର ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାବାର ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷ ଦୁଷ୍ମନ୍ତ ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନନ୍ଦକିଶୋର ପଟ୍ଟନାୟକ, ଅଧ୍ୟାପିକା ପଦ୍ମିନୀ ସାହୁ, ଅଧ୍ୟାପକ ଆଲ୍‌ଫ୍ରେଡ୍ ଫ୍ରାଙ୍କ୍‌ଲିନ ଲିମା ଓ ମାଷ୍ଟର ଟ୍ରେନର କିରନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଶିବିରରେ ମୋଟ ୫୯ ଛାତ୍ରୀ ଅଂଶ ଗ୍ରହଣକରି ପ୍ରଶିକ୍ଷଣ ନେଇଥିଲେ । ଦୈନନ୍ଦିନ ଜୀବନରେ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଏବଂ ବଦଳୁଥିବା ସମାଜରେ ପ୍ରତିଦିନ ଘଟୁଥିବା ଅନୈତିକ ତଥା ଅସାମାଜିକ କାର୍ଯ୍ୟକଳାପକୁ ପ୍ରତ୍ୟକ୍ଷ ମୁକାବିଲା କରିବା ପାଇଁ ଆତ୍ମରକ୍ଷା କୌଶଳର ତାଲିମ ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୁରକ୍ଷାକବଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କୌଶଳକୁ ପ୍ରତ୍ୟେକ ଦିନ ଅଭ୍ୟାସ ରଖିବାକୁ ଉପଦେଶ ଦେଇଥିଲେ । ସେହିପରି ମୁନିଗଡ଼ାର ଯୁକ୍ତ ୨ ମହାବିଦ୍ୟାଳୟରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷା କଲ୍ୟାଣୀ ପାଢ଼ୀ, ରୀନା ଗାଇଗୌରିଆ, କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନ୍‌ଛର, ରମ୍ୟରଞ୍ଜନ ମିଶ୍ର, ଅର୍ଜୁନ ପଣ୍ଡା,ରଘୁନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ଆତ୍ମରକ୍ଷା କୌଶଳରେ ଅଂଶଗ୍ରହଣ କରିଥିବା ୧୪୦ ଛାତ୍ରୀଙ୍କୁ ବିଭିନ୍ନ ଉଦାହରଣ ଦେଇ ସାହସୀ ହେବା ପାଇଁ ଉତ୍ସାହିତ କରିବା ସହ ମାନପତ୍ର ବଣ୍ଟନ କରିଥିଲେ ।



ଅତିଥିମାନେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ବୁଝାଉଛନ୍ତି।

# ୧୦୮ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

ପଦ୍ମପୁର,୧୬।୧ (ପ୍ରଶାନ୍ତ କୁମାର କର)

ପଦ୍ମପୁରସ୍ଥିତ ଆର.ଜି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ନୂତନ ଭାବେ କଲେଜରେ ପ୍ରବେଶ କରିଥିବା ପ୍ରଥମ ବର୍ଷର ୧୦୮ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ପ୍ରୋଗ୍ରାମ ଅଫିସର ରଶ୍ମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ତାଲିମ ସମ୍ପର୍କରେ ଛାତ୍ରୀଙ୍କୁ ବୁଝାଇଥିଲେ । ୨ ଜଣ ମାଷ୍ଟର ଟ୍ରେନର କେତକୀ ଗମାଙ୍ଗ ଏବଂ ସୋନାଲି ବିଷୋୟୀ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗ ସହାୟକ ପଞ୍ଚାନନ ଶତପଥୀ, ଅଧ୍ୟାପିକା ରିଙ୍କି କୈବର୍ତ୍ତ, ବିଦ୍ୟାବତୀ ନିମାଲୁ, ଡାଟା ଏଣ୍ଟ୍ରି ଅପରେଟର ମଲ୍ଲିକେଶ୍ୱର ନାଇଡୁ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ୮ ଦିନ ଚାଲିବ ବୋଲି ଧାର୍ଯ୍ୟ କରାଯାଇଛି ।

# ୩୬ ହଜାର ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

ଗୁଡ଼ାରି,୧୬।୧(ପ୍ରମୋଦ କୁମାର ପତି )

ଗୁଡାରି ଥାନା ଅନ୍ତର୍ଗତ ମଧୁବନ ଗ୍ରାମ ପଞ୍ଚାୟତର ବଣ୍ଡିଲି ନିକଟରେ ବେଆଇନ ଭାବେ ଚାଷ ହୋଇଥିବା ୩୬,୦୦୦ ଗଞ୍ଜେଇ ଗଛକୁ ପୋଲିସ ନଷ୍ଟ କରିଛି। ସ୍ଥାନୀୟ ପ୍ରଶାସନ, ଅବକାରୀ ବିଭାଗ ଓ ବନ ବିଭାଗ ଏବଂ ପୋଲିସ ମିଳିତ ଭାବେ ଗୁରୁବାର ବଣ୍ଡିଲି ଗ୍ରାମକୁ ଯାଇ ପ୍ରାୟ ୧୨ ଏକର ଜମିରେ ଚାଷ ହୋଇଥିବା ବେଆଇନ ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି। ରାୟଗଡ଼ା ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ଏଲ୍.ବି. ଆଚାରୀଙ୍କ



ତତ୍ତ୍ୱାବଧାନରେ ଗୁଡ଼ାରି ଥାନା ଅଧିକାରୀ ସର୍ମପିତା ସ୍ୱାଇଁଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏ ନେଇ ଗୁଡାରି ଥାନାରେ ଥାନା କେଶ ନମ୍ବର ୫/୨୫ ମାମଲା ପଞ୍ଜୀକୃତ ହୋଇଛି।

# ଚୋରି ବାଇକ୍ ଜବତ, ୨ ଗିରଫ

ରାୟଗଡ଼ା,୧୬।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଟାଉନ ଥାନା ପୋଲିସ ଗୁରୁବାର ଏକ ଚୋରି ବାଇକ୍‌କୁ ଜବତ କରିବା ସହ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବାଇକ୍ ଚୋରି କରିଥିବା ଦୁର୍ବୃତ୍ତ ମହାଦେବ ସତିଶ ଓ ଅନ୍ୟ ଜଣେ ଉକ୍ତ ବାଇକ କିଣିଥିବା ବ୍ୟକ୍ତି ଏମ୍.କଲ୍ୟାଣ ବୋଲି ଟାଉନ ଥାନା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ, ରାୟଗଡ଼ା ସହରସ୍ଥିତ ଏମ୍‌ଆଇ ଡିଭିଜନ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ରିଙ୍କୁ ସେଠୀ ନାମକ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିଲା । ରିଙ୍କୁ ନିଜର ବାଇକ୍ (ଓଡି୧୦ଏ୪୯୮୧)କୁ ପାର୍କିଂ କରି ଦୋକାନ ଯିବା ବେଳେ ସତିଶ ସେଠାକୁ ଏକ ସାଇକେଲରେ ଆସି ମୋଟରସାଇକେଲ ପାର୍ଶ୍ୱରେ ସାଇକେଲ ପାର୍କିଂ କରି ମୋଟରସାଇକେଲ ଷ୍ଟାର୍ଟକରି ଚମ୍ପଟ ମାରିଥିଲେ । ଏ ନେଇ ରିଙ୍କୁ ଟାଉନ ଥାନାରେ ଏତଲା ଦେବା ପରେ ଏସ୍‌ଆଇ ରୁଦ୍ରମାଧବ ମୁଦୁଲି କେସ୍ ନଂ. ୧୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ବିଶ୍ୱସ୍ତ ସୂତ୍ରର ସୂଚନା ଓ ସିସି କ୍ୟାମେରା ଫୁଟେଜ୍‌କୁ ଆଧାରକରି ମହାଦେବ ସତିଶ ଓ କଲ୍ୟାଣଙ୍କୁ ପୋଲିସ ଗିରଫ କରିଛି।



ଜବତ ବାଇକ୍।

# ପଦ୍ମପୁର ପଞ୍ଚାୟତର ବିକାଶ, ସୌନ୍ଦର୍ଯ୍ୟକରଣ ନେଇ ବୈଠକ

ପଦ୍ମପୁର, ୧୬।୧ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ସଦ୍‌ଭାବନା ଗୃହଠାରେ ଗୁରୁବାର ପଦ୍ମପୁର ପଞ୍ଚାୟତରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ତହସିଲଦାର ଶଙ୍କର ବାଗ, ବ୍ଲକ୍ ଅଧକ୍ଷା ମଣିମାଳା ଶବର, ପଦ୍ମପୁର ବ୍ଲକ୍ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରକାଶ କଣ୍ଡାଗିରି ପ୍ରମୁଖ ଉପସ୍ଥିତ ରହି ସୁନାରି ଘାଇ ଛକର ସରକାରୀ ଜାଗା ଚିହ୍ନଟ କରି ସେଠାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯାଉ ବୋଲି ମତ ରଖିଥିଲେ। ପଦ୍ମପୁର ବଜାରର ଉଭୟ ପାର୍ଶ୍ୱରେ ଉଠାଦାକାନୀ, ପନିପରିବା ଓ ମାଛ ବ୍ୟବସାୟୀ ରାସ୍ତା ଜାମ କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବାରୁ ଆରଏମ୍‌ସି ବଜାର ପ୍ରାଙ୍ଗଣରେ ଖାଲିଥିବା ୩୦ ଦୋକାନ ଗୃହକୁ ସ୍ଥାନାନ୍ତର କରିବା ପାଇଁ ବରିଷ୍ଠ ବ୍ୟବସାୟୀ ଦୁର୍ଗା ସାହୁ ମତ ରଖିଥିଲେ।


ବୈଠକରେ ବିଡିଓଙ୍କ ସହ ଅନ୍ୟ ଅଧିକାରୀ, ଜନପ୍ରତିନିଧି ଆଲୋଚନା କରୁଛନ୍ତି।

ସେହିପରି ପଦ୍ମପୁର ବଡ଼ ବନ୍ଧ ପୋଖରୀ ଚତୁଃପାର୍ଶ୍ୱରେ ପଥର ହୁଡା ସହ ପୋଖରୀର ସମ୍ପୂର୍ଣ୍ଣ ସଫେଇ ସହ ଆଲୋକୀକରଣ କଲେ ପଦ୍ମପୁର ଓ ଖମାପଦର ଉଭୟ ପଞ୍ଚାୟତର ଲୋକେ ଉପକୃତ ହେବେ ବୋଲି ଆଇନଜୀବୀ ସରୋଜ ପାଣିଗ୍ରାହୀ କହିଥିଲେ। ଇନ୍ଦ୍ରାନଗର ସାହିଠାରୁ ଶୈଶାନ ରାସ୍ତା ଦେଇ ଆଦିବାସୀଙ୍କ ଠାକୁରାଣୀ ସନ୍ଧିମା ରାସ୍ତା ନିର୍ମାଣ ସକାଶେ ରାଧା ଗୋବିନ୍ଦ ପାଣିଗ୍ରାହୀ ମତ ରଖିଥିଲେ। ରାସ୍ତା ଉଭୟ ପାର୍ଶ୍ୱରେ ଝୁଲି ରହିଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ପରିବର୍ତ୍ତନ କରାଯାଇ ନୂତନ ଖୁଣ୍ଟ ଲଗାଯିବା ପାଇଁ ସୁନୀଲ ଚୈଧୁରୀ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୁଶାନ୍ତ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜଗମଣ୍ଡା ଶ୍ମଶାନଠାରେ ଯାତ୍ରୀନିବାସ ଓ ବିପଦର ବନ୍ଧୁ ସଙ୍ଗଠନର ଅଫିସ ଗୃହ ନିର୍ମାଣ ସକାଶେ ସରକାରୀ ଜାଗା ଚିହ୍ନଟ କରିବା ନିମନ୍ତେ ବିପଦର ବନ୍ଧୁ କର୍ମକର୍ତ୍ତା ତହସିଲଦାରଙ୍କୁ ଲିଖିତ ଭାବରେ ଜଣାଇଥିଲେ। ପ୍ରତ୍ୟେକ ସାହିର ନାଳନର୍ଦ୍ଦମାଗୁଡିକ ଠେଲାଗାଡ଼ି ରଖି ସଫେଇ କରାଯିବା ସହ ସୁନାରି ଘାଇ ଛକରେ ଦୀର୍ଘ ଦିନ ଧରି ଥିବା ଯାତ୍ରୀ ବିଶ୍ରାମ ଗୃହ ଓ ଶୌଚାଳୟ ଚାଲୁ କରିବା ଉପରେ ବିଡିଓ ପଟ୍ଟନାୟକ କହିଥିଲେ। ପଦ୍ମପୁରରେ ପାଠାଗାର, ନୂତନ ବସ୍‌ଷ୍ଟାଣ୍ଡ, ଜଗମଣ୍ଡା ପାହାଡ଼ରେ ଥିବା ଦୂରଦର୍ଶନ ପତିତ କୋଠରିଗୁଡିକ ମରାମତି କରି ରେଭିନ୍ୟୁ ବଙ୍ଗଳା କରିବା ନିମନ୍ତେ ଲୋକେ ଦାବି କରିଥିଲେ। ବୈଠକରେ ପଦ୍ମପୁର ପଞ୍ଚାୟତ ଅଧିକାରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ, ଜିପିଓ ଗୌରାଙ୍ଗ କାଦମ୍ବଲୁ, ସ୍ୱଚ୍ଛ ଭାରତ ଅଭିଯାନର ନିତାୟ ବ୍ଲକ କୋଅର୍ଡିନେଟର ସୀମା ରାୟ, ବ୍ଲକ ଶିକ୍ଷା ଅଧିକାରୀ ହୃଷୀକେଶ ରଥ, ମଙ୍ଗଳ ଅଧିକାରୀ ସସ୍ମିତା ରଥଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଈଙ୍କୁ ବଳାତ୍କାର କରି ସମ୍ପର୍କୀୟ ନାତି ଫେରାର

ନବରଙ୍ଗପୁର,୧୬।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଥାନା ଅଞ୍ଚଳରେ ଆଈଙ୍କୁ ବଳାତ୍କାର କରି ସମ୍ପର୍କୀୟ ନାତି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଶିଶିର କୁମାର ପନକାଙ୍କୁ ପୋଲିସ ଏବେ ଖୋଜୁଛି।

ନବରଙ୍ଗପୁର ଥାନା ଅଞ୍ଚଳର ଜଣେ ୭୦ ବର୍ଷୀୟା ବୃଦ୍ଧା ବୁଧବାର ରାତିରେ ଘରେ ଶୋଇଥିବା ବେଳେ ହଠାତ ତାଙ୍କ ସମ୍ପର୍କୀୟ ନାତି ଶିଶିର ଘର ଭିତରେ ପଶିଥିଲେ। ଏହାପରେ ସେ ବୃଦ୍ଧାଙ୍କ ପାଟି ବାନ୍ଧି ରାତି ସାରା ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ମାରି ଦେବାକୁ ଧମକ ଦେଇ ସକାଳୁ ଫେରାର ହୋଇଯାଇଥିଲେ ଅଭିଯୁକ୍ତ। ଏହି ଖବର ଅନ୍ୟମାନେ ଜାଣିବାପରେ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୀଡ଼ିତା ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୧୯/୨୫ରେ ଏକ ମାମଲା ରୁଜୁକରିଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ସୁଶାନ୍ତ କୁମାର ଶତପଥୀ ସୂଚନା ଦେଇଛନ୍ତି। ଏସ୍ଆଇ ଦେବାଶିଷ ସାହୁ ଘଟଣାର ତଦନ୍ତ କରୁଛନ୍ତି । ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତରା କହିଛନ୍ତି।

### ପୋଲ ତଳକୁ ବାଇକ୍ ଖସି ଯୁବକ ମୃତ

ଡାବୁଗାଁ/ପାପଡ଼ାହାଣ୍ଡି, ୧୬।୧
(ପ୍ରଜ୍ଞାରଞ୍ଜନ ପରିଡ଼ା/ ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଜଟାବାଲ ନିକଟ ନଦୀରେ ଭଙ୍ଗା ପୋଲ ତଳକୁ ଖସି ବୁଧବାର ରାତ୍ରିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ରାୟଗଡା ଜିଲା ଚାନ୍ଦିଲି ଥାନା ଅଧୀନ କତାଗୁଡା ଗ୍ରାମର ତରୁଣ ପେଦେଣ୍ଟି (୨୧)। ଦୁର୍ଘଟଣାରେ ରାଇଘର ଥାନା ସଦର ମହକୁମାସ୍ଥିତ ପତ୍ରକୋଟି ସାହିର ଯୁଗୋଳ ହରିଜନ (୨୨) ଗୁରୁତର ଅଛନ୍ତି। ସୂଚନାନୁଯାୟୀ, ତରୁଣ ଓ ଯୁଗୋଳ ବାଇକ୍ (ଓଡି-୧୮ଏମ୍-୫୦୭୬) ଯୋଗେ ରାୟଗଡ଼ା ଜିଲାରୁ ରାଇଘର ଫେରୁଥିଲେ। ରାତି ପ୍ରାୟ ପ୍ରାୟ ୮ଟା ୩୦ରେ ପାପଡ଼ାହାଣ୍ଡିରୁ ଡାବୁଗାଁ ରାଜ୍ୟ ରାଜପଥ-୩୯ ଉପରେ ଜଟାବାଲ ନିକଟରେ ଡାଇଭର୍ସନ ରାସ୍ତା ଜାଣି ନ ପାରି ଭଙ୍ଗା ପୋଲ ତଳକୁ ଖସିଯାଇଥିଲେ। ଘଟଣାସ୍ଥଳରେ ତରୁଣଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିରେ ଯୁଗୋଳ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଡାବୁଗାଁ ଥାନା ଭାରପ୍ରାପ୍ତ ଆଇଆଇସି ଟଙ୍କଧର ମୁଣ୍ଡା, ଏଏସ୍ଆଇ ଗୋପାଳକୃଷ୍ଣ ହାଲୱା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ଖବର ଦିଆଯିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମୃତକଙ୍କ ବାପା କ୍ରୀଷ୍ଟା ପେଦେଣ୍ଟି ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରି ଥାନାରେ ରଖିଛି। କେସ୍ ନଂ. ୬/୨୫ରେ ଏକ ମାମଲା ରୁଜୁ କରାଯାଇଛି।

### ପାଣିହଣ୍ଡାରେ ପଡ଼ି ୨ ବର୍ଷର ଶିଶୁକନ୍ୟା ମୃତ

ଝରିଗାଁ,୧୬।୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଅଧୀନ ଏକମ୍ବା- ଖ ପଞ୍ଚାୟତ ସଦର ମହକୁମାରେ ବୁଧବାର ଏକ ପାଣି ଭର୍ତ୍ତି ଥିବା ହଣ୍ଡାରେ ପଡ଼ି ଜଣେ ୨ ବର୍ଷର ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏକମ୍ବା ଗ୍ରାମର ରମେଶ ଭଟ୍ଟଙ୍କ ଝିଅ ନତାଶା। ସୂଚନାନୁଯାୟୀ ରମେଶ ଭଟ୍ଟଙ୍କୁ ଆବାସ ଗୃହ ମିଳିଥିଲା। ବୁଧବାର ସକାଳୁ ଆବାସଗୃହର ଛାତ ପକାଇବା ସ୍ଥିର ହୋଇଥିଲା। ଛାତ ପକାଇବା କାମରେ ରମେଶ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ବ୍ୟସ୍ତ ଥିଲେ। ଏହି ସମୟରେ ରମେଶଙ୍କ ୨ ବର୍ଷର ଝିଅ ନତାଶା ଘର ନିକଟରେ ଥିବା ଏକ ପାଣି ଭର୍ତ୍ତି ହଣ୍ଡା ମଧ୍ୟରେ ପଡ଼ିଯାଇଥିଲେ। ତେବେ ପରିବାର ଲୋକ ନତାଶାଙ୍କୁ ପାଖରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ସନ୍ଧ୍ୟା ପ୍ରାୟ ୪ଟାରେ ପାଣି ହଣ୍ଡାରେ ପଡି ନତାଶାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ।

# ଟାର୍ଗେଟ ନାହିଁ, ଡଙ୍ଗରା ମଣ୍ଡିରେ ପଡ଼ିଛି ଧାନ

ପାପଡ଼ାହାଣ୍ଡି, ୧୬।୧(ସ୍ୱପ୍ନଜିତ ପଟ୍ଟନାୟକ)

ଲ୍ୟାମ୍ପସ ଓ ମିଲର୍ସଙ୍କ ନାହିଁ ଟାର୍ଗେଟ। ଫଳରେ ମଣ୍ଡିରେ ପଡ଼ିଛି ଧାନ। ଅମଳ ପରେ ଧାନ ବିକ୍ରି ନେଇ ଚିନ୍ତାରେ ଡ଼ଙ୍ଗରା ମଣ୍ଡିର ଚାଷୀ। ପ୍ରଥମେ କଟ୍‌ନିଛଟ୍‌ନିକୁ ନେଇ ସମସ୍ୟା ଆଉ ଏବେ ଟାର୍ଗେଟ ନ ଆସିବାରୁ ମଣ୍ଡିରେ ପଡିଛି ଧାନ। ୧୫ଶହ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିଛି। ଟୋକନ ଅବଧି ସରି ଯାଉଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ଏ ନେଇ ଲ୍ୟାମ୍ପସ କର୍ମଚାରୀଙ୍କୁ ପଚାରିବାରୁ ଟାର୍ଗେଟ ନାହିଁ କହୁଥିବାବେଳେ ୪ ମିଲର୍ସଙ୍କ ଦର୍ଶନ ମିଳୁନାହିଁ। ଯାହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ବୁଧବାର ମଣ୍ଡି ଥିବାରୁ



ଡଙ୍ଗରା ମଣ୍ଡିରେ ରହିଥିବା ଧାନ।

ଚାଷୀ ଧାନ ଆଣି ଅପେକ୍ଷା କରି ରହିଥିଲେ। ଗୁରୁବାର ବି ଅପେକ୍ଷା କରି ନିରାଶ ହୋଇ ଘରକୁ ଫେରିଛନ୍ତି। ବିଗତ ଦିନରେ ଟାର୍ଗେଟ ଥିବାରୁ ଚାଷୀଙ୍କ ଧାନ ଉଠିଯାଉଥିଲା। ବର୍ତ୍ତମାନ ଟାର୍ଗେଟ ନ ଥିବାରୁ ଆଇ ସ୍କାନ ବି ହୋଇପାରୁନି। ଏହାକୁ ନେଇ ତୀବ୍ର

**ଶୀଘ୍ର ଧାନ ନ ଉଠିଲେ ଚାଷୀଙ୍କ ଆନ୍ଦୋଳନ ଚେତାବନୀ**

ପ୍ରତିବାଦ ଦେଖାଦେଇଛି। ଶୀଘ୍ର ଧାନ ନ ଉଠିଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଏ ନେଇ ସିଏସ୍ଓ ଅଜୟ ମଲ୍ଲିକଙ୍କୁ ପଚାରିବାରୁ ଖୁବ ଶୀଘ୍ର ଟାର୍ଗେଟ ଦିଆଯିବ ବୋଲି କହିଛନ୍ତି। ତେବେ ବର୍ଷକର ପରିଶ୍ରମ କରି ଝାଳ ବୁହାଇ ଚାଷ କରିଥିବା ଚାଷୀଙ୍କର ମଣ୍ଡିରେ ଧାନ ବିକ୍ରି ସମସ୍ୟା ବଢ଼ିଯାଇଛି। କାମ ଧନ୍ଦା ଛାଡି କେତେ ଦିନ ମଣ୍ଡିରେ ଆସିବେ ସେ ନେଇ ପ୍ରଶ୍ନ କରିଛନ୍ତି ଚାଷୀ।

# ଜିଲାସ୍ତରୀୟ ପୁଷ୍‌ପୂନେଇ ଉଦ୍‌ଯାପିତ




ଉଦ୍‌ଯାପନୀ ମଞ୍ଚରେ କଳାକାର ଓ ଅନ୍ୟମାନେ।

ନବରଙ୍ଗପୁର,୧୬।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ମହକୁମା ପୋଲିସ ପଡ଼ିଆରେ ୩ ଦିନ ଧରି ଚାଲିଥିବା ପୁଷ୍ ପୁନି ପରବ ୨୦୨୫ ବୁଧବାର ଉଦ୍‌ଯାପିତ ହୋଇଛି। ପୁଷ୍ ପୁନି କମିଟି ଆବାହକ ମୁନା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ଜୟପୁର ତାରା ପ୍ରସାଦ ବାହିନୀପତି, ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ପୌରାଧକ୍ଷ କୁନୁ ନାୟକ, ନବରଙ୍ଗପୁର ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ଜିଲା ପ୍ରକଳ୍ପ ଅଧିକାରୀ, ଜରୁରୀ କାଳୀନ ବିଭାଗ ହିମାଂଶୁ ଶେଖର ପଟ୍ଟନାୟକ, କାଦମ୍ବିନୀ ତ୍ରିପାଠୀ, ଗୁପ୍ତ ନାରାୟଣ ଷଡ଼ଙ୍ଗୀ, ଅର୍ଜୁନ ଭତରା, ଦେବଦାସ ମହାକୁଡ, ଡଃ ବିଜୟ ମିଶ୍ର, ମନୋରମା ମାଝୀ, ଓଡିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ରତନ ମାଝୀ, ପୌରାଞ୍ଚଳ କାଉନସିଲର, ବୁଦ୍ଧିଜୀବୀ,ବିଭିନ୍ନ ସମାଜର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ସଂସ୍କୃତିର କଳା ପ୍ରଦର୍ଶନରେ ଜନସାଧାରଣ ଭରପୁର ଆନନ୍ଦ ଲାଭକରିଥିଲେ। ଇଞ୍ଜିନିୟର ଚନ୍ଦନା ମଲ୍ଲିକ ଏବଂ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ପ୍ରକାଶ ଯେ, ଏହି ପ୍ରାଚୀନ ଅଞ୍ଚଳ କନ୍ଧ, ପରଜା, ସଉରା, ଭତରା ପ୍ରଭୃତି ଜନଜାତିକୁ ନେଇ ପୁଷ ପୁନେଇ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସାଧାରଣ ବର୍ଗଙ୍କ ସାମାଜିକ ଜୀବନରେ ଏହାର ପ୍ରଭାବ ଓ ପରମ୍ପରା ଜାଗୃତି ହୋଇଥିଲା। ପୂର୍ବ ପୁରୁଷ ଠାରୁ ଏହି ପୁଷ ପୁନି ପରବ ତଥା ଭେଟଘାଟ ପାଳନ ହୋଇ ଆସୁଅଛି। ପୂର୍ବରୁ ଗାଁ ଦାଣ୍ଡରେ ନିଜ ଆଦିବାସୀ ପରମ୍ପରା ଏବଂ ନୀତିରେ ପୁଷ ପୁନି ଭେଟଘାଟ ପାଳନ କରାଯାଇଥାଏ। କିନ୍ତୁ ଏବେ ଗାଁରୁ ସହରରେ ମଧ ପୁଷ୍ ପୁନି ଭେଟଘାଟ ପାଳନ କରାଯାଉଛି। ଧାନ ଅମଳ ପରେ ଏହି ପର୍ବ ପାଳନ କରାଯାଇଥାଏ। ବର୍ଷ ଯାକର କଷ୍ଟ ଉପାର୍ଜିତ ଧାନ ଘରକୁ ଆଣିବା ଖୁସିରେ ଚାଷୀ ଏହି ପୁଷ୍ ପୁନି ପାଳନ କରିଥାଏ। ଗ୍ରାମାଞ୍ଚଳରେ ଝିଅ ପୁଅମାନେ ଘର ଘର ବୁଲି ଛେରଛେରା ମାଗିଥାନ୍ତି। ମିଳିଥିବା ସେହି ଟଙ୍କା ଓ ଚାଉଳକୁ ନେଇ ଗାଁ ଦାଣ୍ଡରେ ଭୋଜିଭାତର ଆୟୋଜନ କରି ଆସର ଜମାଇଥାନ୍ତି। ଚଳିତବର୍ଷ "ପୁଷ୍ ପୁନେଇ-୨୦୨୫" ନବରଙ୍ଗପୁରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା। ଏଥିସହ ଆଦିବାସୀ ଭାଷା ଭିତ୍ତିକ ପୁଷ ପୁନି ସମ୍ବନ୍ଧୀୟ ଏକ କବିତା ଆସର କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣଲତା ପଟ୍ଟନାୟକ ଏବଂ ମନୋରମା ମାଝି ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଅଙ୍ଗନୱାଡ଼ି ସଂଘର ବ୍ଲକ ସମ୍ମିଳନୀ




ନବରଙ୍ଗପୁର,୧୬।୧(ସଦାଶିବ ପ୍ରହରାଜ)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର ଆସୋସିଏସନ ନବରଙ୍ଗପୁର ବ୍ଲକ ସମ୍ମିଳନୀ ନୀଳକଣ୍ଠଗୁଡ଼ାସ୍ଥିତ ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ନୂତନ କମିଟି ଗଠନ ସହ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ଦାୟିତ୍ୱ ଦିଆଯାଇଛି। ଛବିଳ କୁମାରୀ ମାଝୀ ବ୍ଲକ ସଭାନେତ୍ରୀ, ପ୍ରତିମା ଭତରା ଓ ଚନ୍ଦନା ବେହେରା ଉପସଭାନେତ୍ରୀ, ସୁମିତ୍ରା ମାଝୀ ସମ୍ପାଦିକା, ଗୀତାଞ୍ଜଳି ହରିଜନ ଓ ସୌଦାମିନୀ ଟାକ୍ରୀ ସହସମ୍ପାଦିକା, ସାବିତ୍ରୀ ପାଇକ କୋଷାଧକ୍ଷା, ସେକ୍ଟର ସଭ୍ୟାଭାବେ ରୁକ୍ମଣୀ ହରିଜନ, ବସୁମତୀ ଜାନି, ଚନ୍ଦ୍ରାବତୀ ନାୟକ, ଚଞ୍ଚଳା ଭତରା, ଲଛମା ଜାନି, ରେବତୀ ଜାନି ଓ କମଳା ହରିଜନଙ୍କୁ ଚୟନ କରାଯାଇଛି। ଭାରତୀୟ ମଜଦୁର ସଂଘ ଜିଲା ସଭାପତି ବାଙ୍କ ବିହାରୀ ବିଷୋୟୀ, ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ଜିଲା ସଂଯୋଜକ ବିଷ୍ଣୁ ପ୍ରସାଦ ବିଷୋୟୀ, ବିଶ୍ୱକର୍ମା ମଜଦୁର ସଂଘ ସମ୍ପାଦକ ଖଗେଶ୍ୱର ବିଷୋୟୀ , ଅଙ୍ଗନୱାଡ଼ି ସଂଘ ଜିଲା ସଭାନେତ୍ରୀ ଭାଗ୍ୟବତୀ ଷଡଙ୍ଗୀ, ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୋଷାଧକ୍ଷା ମମତାବ୍ରହ୍ମା, ବ୍ଲକ ସଭାନେତ୍ରୀ ଓ ସମ୍ପାଦିକା ଯୋଗ ଦେଇଥିଲେ। ଆଗାମୀ ଦିନରେ କାର୍ଯ୍ୟ ପନ୍ଥା ସ୍ଥିର କରାଯିବାକୁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ନବରଙ୍ଗପୁର ବ୍ଲକ ର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ିର ଅନେକ ସମସ୍ୟା ନେଇ ସରକାରଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି।

# ଜାତୀୟ ଯୁବ ସପ୍ତାହ ପାଳନ

ମାଲକାନଗିରି, ୧୬।୧(ଦୁର୍ଯ୍ୟୋଧନ ପାତ୍ର)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ନାୟକଗୁଡା ସ୍ୱତନ୍ତ୍ର ବିଦ୍ୟାଳୟରେ ଜାତୀୟ ଯୁବ ସପ୍ତାହ ପାଳନ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଯୁବ ଅଧିକାରୀ ହରିଶ ରୂପଲ୍ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ମନସୀ ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ମୁଖ୍ୟାଳୟ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସ୍ୱତନ୍ତ୍ର ବିଦ୍ୟାଳୟ ସୁପରିଣ୍ଟେଣ୍ଡେଣ୍ଟ ସସ୍ମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଗୋଟିଏ ବୃକ୍ଷ ମା'ଙ୍କ ପାଇଁ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ। ସଦସ୍ୟ ହୃଷୀକେଶ ପଣ୍ଡା ଯୋଗ ଦେଇ ଚାରାରୋପଣର ଉପକାରିତା ସମ୍ପର୍କରେ ସଚେତନ କରିଥିଲେ। ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିମାନେ ।

# ଜାତୀୟ ମତଦାତା ଦିବସ ପାଳନ ପ୍ରସ୍ତୁତି ବୈଠକ

କୋରାପୁଟ,୧୬।୧(ଅମିତାଭ ବେହେରା)

ଆସନ୍ତା ୨୫ ତାରିଖରେ ଜାତୀୟ ମତଦାତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲାପରିଷଦ ନିର୍ବାହୀ ଅଧିକାରୀ ବେଣୁଧର ଶବର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୦ ସୁଦ୍ଧା ଜିଲାର ସମସ୍ତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍, ରଚନା, ଚିତ୍ରାଙ୍କନ, ବକ୍ତୃତା ଏବଂ ସ୍ଲୋଗାନ ଆଦି ପ୍ରତିଯୋଗିତା କରାଯିବ। କୃତୀ ପ୍ରତିଯୋଗୀଙ୍କୁ ନେଇ ୨୧ ତାରିଖରେ ଜିଲାସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଠାକାର କୃତୀ ପ୍ରତିଯୋଗୀଙ୍କୁ ୨୫ ତାରିଖରେ ପୁରସ୍କୃତ କରାଯିବ। ଉକ୍ତ ଦିନ ସକାଳ ୮ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ପଦଯାତ୍ରା ବାହାରି ସହର ପରିକ୍ରମା କରିବା ସହ ସ୍ଥାନୀୟ ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ସେଠାରେ ଏକ ସଭାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ବୈଠକରେ ଉପଜିଲାପାଳ ପ୍ରେମ୍‌ଲାଲ ହିଆଲ, ନିର୍ବାଚନ ଅଧିକାରୀ ଦେବାଶିଷ ରାଉତ, ନିର୍ବାହୀ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ବନ ବିଭାଗର ଚଢ଼ାଉ, ୧୦ ଲକ୍ଷର ସାମଗ୍ରୀ ଜବତ

ରାଇଘର, ୧୬।୧(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁରାବେଡ଼ା ପଞ୍ଚାୟତ ଅଧୀନ ସୋନପୁର ଡିଏନକେ ଗ୍ରାମରେ ବୁଧବାର ରାତି ୧୦ଟାବେଳେ ଏକ ପିକପ୍ (ଓଆର୍-୨୪ଏ-୦୪୦୭)ରେ କାଠଗଣ୍ଡି ଆସୁଥିବା ବେଳେ ବନବିଭାଗ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ବନ ବିଭାଗ ପକ୍ଷରୁ କିନ୍ତୁ ଅଭିଯୁକ୍ତମାନଙ୍କ ସମ୍ପର୍କରେ ବିଶେଷ ସନ୍ଧୁନା ଦିଆଯାଇନାହିଁ। ସେହିଭଳି ରାଇଘର ତହସିଲଦାର ରିତୁ ସିଂଙ୍କ ଉପସ୍ଥିତିରେ ଛତିଶଗଡ଼ ଏବଂ ଓଡ଼ିଶା ବନବିଭାଗ ସୋନପୁର ଗାଁରେ ମିଳିତ ଚଢ଼ାଉ କରି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ କରିଛି। ଅଞ୍ଚଳର ସମସ୍ତ



ରାସ୍ତାକୁ ସିଲ୍ କରି ବନବିଭାଗ ଗାଁରେ ଚଢ଼ାଉ କରିଥିଲା। ୧୦ ଘରୁ କାଠ ପଟା ସହ ତିଆରି ହୋଇଥିବା ପଲଙ୍କ, ସୋଫା, ଡାଇନିଂ ଟେବୁଲ ଆଦି ସାମଗ୍ରୀ ଜବତ କରାଯାଇ ରାଇଘର ରେଞ୍ଜର କାର୍ଯ୍ୟାଳୟକୁ ଅଣାଯାଇଛି। ନବରଙ୍ଗପୁର ଡିଏଫ୍‌ଓଙ୍କ ନେତୃତ୍ୱରେ ନବରଙ୍ଗପୁର ଏସ୍ଏଇଫ୍‌ଓ ସୁବାସ ଖୁଣ୍ଟିଆ, କୋଡିଙ୍ଗା, କୋଷାଗୁମୁଡା, ଡାବୁଗାଁ, ଝରିଗାଁ ଏବଂ ରାଇଘରର ୬ ଜଣ ରେଞ୍ଜର, ଫରେଷ୍ଟର, ଫରେଷ୍ଟଗାର୍ଡ, ପାରାଗାର୍ଡ ୧୨୫ ଜଣ, ଛତିଶଗଡ଼ ଏସିଏଫ୍‌ଓ ଗୋପାଳ କଶ୍ୟପଙ୍କ ସମେତ ୪ ରେଞ୍ଜର ଓ ବନବିଭାଗ ୨୫ ଜଣ ଏହି ଚଢ଼ାଉ ରେ ସାମିଲ ହୋଇଥିଲେ।

# ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ସୁନାବେଡା,୧୬।୧(କୃତ୍ତିବାସ ପ୍ରଧାନ)

ସୁନାବେଡା ଓ ସେମିଳିଗୁଡ଼ା ସହରରେ ୨ ଭତ୍ତା ବଣ୍ଟନ କେନ୍ଦ୍ର ଖୋଲାଯାଇ ପୌର କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ୮୦ରୁ ଊର୍ଦ୍ଧ୍ୱ ବୟସ୍କ ଓ ୮୦ ପ୍ରତିଶତ ଭିନ୍ନକ୍ଷମମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ପୌର ପରିଷଦ ଅଧିନରେ ଥିବା ସମସ୍ତ ୱାର୍ଡରେ ୮୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୧୪୩ ଥିବା ବେଳେ ଏବଂ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ସଂଖ୍ୟା ୯୧ ରହିଛି। ୨ ଦିନରେ ଉଭୟ ବୟସ୍କ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୬୬ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପୌର ପରିଷଦର ସାମାଜିକ ଅଧିକାରୀ ସସ୍ମିତା ବାରିକ ସୂଚନା ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ସହ ରାତ୍ରିଭୋଜନ କରିବେ ଦେବସ୍ମିତା

ଜୟପୁର,୧୬।୧(ପବନ ପାଣିଗ୍ରାହୀ)




କୋରାପୁଟ ଜିଲା ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ରୀ ଦେବସ୍ମିତା ବେନିଆଙ୍କୁ ରାଷ୍ଟ୍ରପତିଙ୍କ ସହ ରାତ୍ରିଭୋଜନ କରିବାକୁ ନିମନ୍ତ୍ରଣ ଦିଆଯାଇଛି। ବ୍ୟକ୍ତିଗତ ଭାବେ ଜୟପୁର ଡାକଘର ଅଧିକାରୀ ଲିଙ୍ଗରାଜ ନଗରସ୍ଥିତ ତାଙ୍କ ବାସଭବନକୁ ଏହି ନିମନ୍ତ୍ରଣ ପଠାଇଛନ୍ତି। ଜାନୁଆରୀ ୧୮ରେ ଦିଲ୍ଲୀ ଅଭିମୁଖେ ବାହାରିବେ ବୋଲି ସିଟିଓ ସନ୍ତୋଷିନୀ ମୁଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ,ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ବାସଭବନରେ ଦେଶବ୍ୟାପୀ ୨୫୦ଜଣଙ୍କୁ ହୋମ୍ ଡିନର ପାଇଁ ନିମନ୍ତ୍ରଣ କରାଯାଇଛି। ଏନ୍‌ସିସିରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେବସ୍ମିତା ରାଜୀବ ଗାନ୍ଧୀ ରାଜ୍ୟ ପୁରସ୍କାର ଓ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ରାଷ୍ଟ୍ରପତି ତଥା ଭାରତ ସରକାର ଏବଂ ଏନ୍‌ସିସି ଅଧିକାରୀ ତଥା ୨ୟ ଓଡ଼ିଶା ଗାର୍ଲସ ବାଟାଲିୟନ ମୁଖ୍ୟ ଅଧିକାରୀଙ୍କୁ ଦେବସ୍ମିତା ଧନ୍ୟବାଦ ଜଣାଇଛନ୍ତି।

# ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ବଢ଼ାଇବା ଲକ୍ଷ୍ୟ

ନନ୍ଦାହାଣ୍ଡି, ୧୬।୧
(ପ୍ରତୀପ କୁମାର ଦାଶ)




ନବରଙ୍ଗପୁର ଜିଲାର ମାଟ୍ରିକ୍ ଓ ଦ୍ୱାଦଶ ପରୀକ୍ଷାର୍ଥୀଙ୍କ ପାଇଁ ଷ୍ଟାର ୭୦ ଓ ଲୁମେନ ୩୦ ନାମରେ ଜିଲା ଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି, ଜାତି ଓ ପଛୁଆବର୍ଗ ବିଭାଗ ଏକ ଯୋଜନା ଆରମ୍ଭ କରିଛନ୍ତି। ଗତ ମାଟ୍ରିକ୍ ପରୀକ୍ଷାରେ ଜିଲାର ମାତ୍ର ୭ ଜଣ ଏ -୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏ-୧ ଗ୍ରେଡ୍ ପିଲାଙ୍କ ସଂଖ୍ୟା ବଢ଼ାଇବା ଲକ୍ଷ୍ୟରେ ଜିଲାର ଶ୍ରେଷ୍ଠ ଅନୁସୂଚିତ ଜନଜାତି, ଜାତି ଓ ପଛୁଆ ବର୍ଗର ୧୦୦ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ନିଶନାହାଣ୍ଡି ଅନୁସୂଚିତ ଜନଜାତି, ଜାତି ଓ ପଛୁଆ ବର୍ଗ ବିଦ୍ୟାଳୟରେ ଆରମ୍ଭ ହୋଇଛି। ଜିଲାର ସମସ୍ତ ୧୦ ବ୍ଲକରୁ ୧୦୦ ଜଣ ବିଦ୍ୟାର୍ଥୀଙ୍କୁ ଚୟନ କରାଯାଇଛି। ସେମାନେ ୩ ଦିନ ଧରି ଏହି ଶିବିରରେ ରହି ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବେ। ପରୀକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ସକାଶେ ରିସୋର୍ସ ପର୍ସନ ଭାବେ ଉଚ୍ଚ ବିଦ୍ୟାଳୟରୁ ୫୨ ଜଣ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୮ ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଉଦ୍‌ଘାଟନୀ ଦିବସରେ ନବରଙ୍ଗପୁର ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରିବା ସହ ଶାରୀରିକ ଓ ମାନସିକ ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ପଚାରିଥିଲେ। କଠିନ ପରିଶ୍ରମ କରିବା ସକାଶେ ଉପଦେଶ ଦେଇଥିଲେ। ନବରଙ୍ଗପୁର ଡିଇଓ ଛତ୍ରପତି ସାହୁ, କଳାହାଣ୍ଡି ଜୋନ୍ ଶିକ୍ଷା ନିରୀକ୍ଷକ କୈଳାସ ଚନ୍ଦ୍ର ମହାରଣା, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସତ୍ୟବ୍ରତ ବେହେରା, ନିବେଦିତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ନନ୍ଦାହାଣ୍ଡି ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ନେଇ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ



ବୈଠକରେ ଉପସ୍ଥିତ ଜନସାଧାରଣ।

ପାପଡ଼ାହାଣ୍ଡି, ୧୬।୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଜଟାବାଲ ଫୋରେଷ୍ଟ ଅଧୀନ ବତାସର ପ୍ରସ୍ତାବିତ ଜଙ୍ଗଲରେ ଗୁରୁବାର ଜଙ୍ଗଲ ସୁରକ୍ଷା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଙ୍ଗଲ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ନୂତନ ଭାବେ ନବୀକରଣ ହୋଇଥିବା ଜଙ୍ଗଲର ସୁରକ୍ଷା, ତାରବାଡ଼ ଚୋରି କିପରି ରୋକାଯାଇପାରିବ, ଲଗାଯାଇଥିବା ଚାରାଗୁଡିକର କିପରି ସୁରକ୍ଷିତ ରହିବେ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ସବୁଜିମା କିପରି ରଖିବା ସେ ନେଇ ଆଲୋଚନା କରାଯାଇଛି। ବୈଠକରେ ଜଟାବାଲ ଫରେଷ୍ଟର ବିଷ୍ଣୁ ବିଷୋୟୀ ଓ ଫରେଷ୍ଟ ଗାର୍ଡ ସଦା ଶାନ୍ତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବାତାସର ଓ ଡକରିଭଟ୍ଟା ବନ ସୁରକ୍ଷା ସମିତି ସହ ଚେରଚେଟା, ଭୈସାଗୁମର ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ।

# ୧୦ ମାସ ପରେ ୩ ସମ୍ପର୍କୀୟ ଗିରଫ

■ ପୂର୍ବତନ ସରପଞ୍ଚଙ୍କ ହତ୍ୟା ଘଟଣା
■ ଜମିବାଡି ବିବାଦରୁ ଘଟିଥିଲା ହତ୍ୟାକାଣ୍ଡ

କୋରାପୁଟ/ନାରାୟପାଟଣା,୧୬/୧
(ଅମିତାଭ ବେହେରା/ ରାଜକିଶୋର ଜେନା)




ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥୀ ସୂଚନା ଦେଉଛନ୍ତି ।

କୋରାପୁଟ ଜିଲା ନାରାୟପାଟଣା ବ୍ଲକ ତାଳଗୁମାଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ସିଙ୍ଗୁରୁ ତାଡିଙ୍ଗିଙ୍କ ହତ୍ୟା ଘଟଣାରେ ଗୁରବାର ନାରାୟଣପାଟଣା ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ନେଇ ଲକ୍ଷ୍ମୀପୁରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥି ସୂଚନା ଦେଇଛନ୍ତି। ଦୀର୍ଘ ୧୦ ମାସ ପରେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସିଙ୍ଗୁରୁଙ୍କ ସମ୍ପର୍କୀୟ କେତୁ ତାଡିଙ୍ଗି, ମାସୁରୁ ତାଡିଙ୍ଗି ଓ କମିଟି ତାଡିଙ୍ଗି ହତ୍ୟା କରିଥିବା ନେଇ ପୋଲିସରେ ସ୍ୱୀକାର କରିଥିବା ସୂଚନା ମିଳିଛି । ଏମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ,୨୦୨୪ ମାର୍ଚ୍ଚ ୧୪ରେ ନାରାୟଣପାଟଣା ଥାନା ଅନ୍ତର୍ଗତ ସିଙ୍ଗୁରୁ ତାଡିଙ୍ଗିଙ୍କ ମୃତଦେହ ଗାଁଠାରୁ ପ୍ରାୟ ୩ କ.ମି.ଦୂର ଏକ ପାହାଡ଼ରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଗର୍ତ୍ତରୁ ପୋଲିସ ଜବତ କରିଥିଲା।

ସମ୍ପର୍କୀୟଙ୍କ ଏତଲା କ୍ରମେ ମାର୍ଚ୍ଚ ୧୪ରେ ସିଙ୍ଗୁରୁ ହଳଧରି ଜମିକୁ ଯାଇ ଆଉ ଫେରି ନ ଥିଲେ। ଜମିଠାରୁ କିଛିଦୂରରେ ଏକ ଗାତରେ ତାଙ୍କ ମୃତଦେହ ଠାବ କରାଯାଇଥିଲା । ଗୋଡ଼ ଦୁଇଟି ବାହାରକୁ ଦିଶୁଥିବା ବେଳେ ଖୋଳିବା ପରେ ଗାଁ ଲୋକେ ଚିହ୍ନଟ କରିଥିଲେ । ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲା । ଜମି ବିବାଦକୁ ନେଇ ନିଜ ସମ୍ପର୍କୀୟ( ଭାଇ ଓ ପୁତୁରା )ସିଙ୍ଗୁରୁଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି । ଘଟଣାସ୍ଥଳକୁ ଅଭିଯୁକ୍ତମାନଙ୍କୁ ନେଇ ସିନ୍ କ୍ରିଏସନ ପରେ ସିଙ୍ଗୁରୁଙ୍କୁ କିପରି ହତ୍ୟା କରିଥିଲେ ପୋଲିସ ଜାଣିବାକୁ ପାଇଥିଲା।

